# Prime Minister spoke to His Majesty King Charles III of the UK on telephone

January 03, 2023

## ବ୍ରିଟେନର ମହାମହିମ ମହାରାଜା ରାଜା ଚାର୍ଲ୍ସ ତୃତୀୟଙ୍କ ସହ ଟେଲିଫୋନରେ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ

**ଜାନୁଆରୀ 03, 2023**

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ବ୍ରିଟେନର ମହାମହିମ ମହାରାଜା ରାଜା ଚାର୍ଲ୍ସ ତୃତୀୟଙ୍କ ସହ ଟେଲିଫୋନରେ କଥା ହୋଇଥିଲେ ।

ସେ ବ୍ରିଟେନର ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀଙ୍କ ସହିତ ଏହା ପ୍ରଥମ ବାର୍ତ୍ତାଳାପ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଏକ ସଫଳ ରାଜତ୍ୱ ପାଇଁ ରାଜାଙ୍କୁ ତାଙ୍କର ଶୁଭେଚ୍ଛା ଜଣାଇଛନ୍ତି ।

ଟେଲିଫୋନ୍ ଆଲୋଚନା ସମୟରେ ଜଳବାୟୁ କାର୍ଯ୍ୟ, ଜୈବ ବିବିଧତା ସଂରକ୍ଷଣ, ଶକ୍ତି-ସ୍ଥାନାନ୍ତରଣ ପାଇଁ ଅର୍ଥନୈତିକ ସମାଧାନ ଇତ୍ୟାଦି ସହିତ ପାରସ୍ପରିକ ଆଗ୍ରହର ଅନେକ ବିଷୟ ଉପରେ ଆଲୋଚନା କରାଯାଇଥିଲା ।

ଡିଜିଟାଲ ସାମଗ୍ରୀର ପ୍ରସାର ସମେତ ଏହାର ଜି୨୦ ସଭାପତିତ୍ୱ ପାଇଁ ଭାରତର ପ୍ରାଥମିକତା ଉପରେ ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି । ମିଶନ୍ ଲାଇଫ୍ - ପରିବେଶ ପାଇଁ ଜୀବନଶୈଳୀ ପ୍ରାସଙ୍ଗିକତା ବିଷୟରେ ସେ ସ୍ପଷ୍ଟ କରିଛନ୍ତି, ଯାହା ମାଧ୍ୟମରେ ଭାରତ ପରିବେଶ ନିରନ୍ତର ଜୀବନଶୈଳୀକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରୁଛି ।

କମନୱେଲଥ୍ ଅଫ୍ ନେସନ୍ସ ଏବଂ ଏହାର କାର୍ଯ୍ୟକାରିତାକୁ କିପରି ଅଧିକ ମଜବୁତ କରାଯିବ ସେନେଇ ନେତାମାନେ ମତ ବିନିମୟ କରିଥିଲେ । ଉଭୟ ଦେଶ ମଧ୍ୟରେ "ଲିଭିଂ ବ୍ରିଜ୍" ଭାବରେ କାର୍ଯ୍ୟ କରିବା ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ସମୃଦ୍ଧ କରିବାରେ ବ୍ରିଟେନରେ ଥିବା ଭାରତୀୟ ସମ୍ପ୍ରଦାୟର ଭୂମିକାକୁ ସେମାନେ ପ୍ରଶଂସା କରିଥିଲେ ।

**ନୂଆଦିଲ୍ଲୀ**

**ଜାନୁଆରୀ 03, 2023**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.